## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କେନ୍ଦୁଝର,୭।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ଡିମ୍ବ ପଞ୍ଚାୟତ ଧୁଡୁରୁପାଳ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଗ୍ରାମର ବାଙ୍ଗୁରୁ ମୁଣ୍ଡା। ସେ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ଭାଲୁଟି ତାଙ୍କ ମୁଣ୍ଡା, ମୁହଁ ଓ ଦେହର ବିଭିନ୍ନ ସ୍ଥାନକୁ କାମୁଡ଼ି ଦେଇଛି। ସେ ଗୁରୁତର ହୋଇ ସେଠାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ବଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହିତ ପରିବାରକୁ ଆର୍ଥିକ ସହଯୋଗ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ଛାତ୍ରୀଙ୍କୁ ରକ୍ତଦାନ କଲେ ବ୍ଲକ୍ କର୍ମଚାରୀ



ହାଟଡିହୀ,୭।୧୧(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ବାରିଙ୍ଗା ହାଇସ୍କୁଲର ଆନେମିଆ ରୋଗରେ ଆକ୍ରାନ୍ତ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବ୍ଲକ୍ କର୍ମଚାରୀ ରକ୍ତଦାନ କରିଛନ୍ତି। ସୋସୋ ଥାନା ଅଧୀନ ବଡ଼ ଆମ୍ବଗଡ଼ିଆ ଗ୍ରାମର ଶଶଧର ପରିଡାଙ୍କ ଝିଅ ଶୁଭଲକ୍ଷ୍ମୀ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଶୁଭଲକ୍ଷ୍ମୀଙ୍କ ବ୍ଲଡ୍ ଗ୍ରୁପ ବି ପଜିଟିଭ ହୋଇଥିବା ବେଳେ ତାଙ୍କର ରକ୍ତର ଆବଶ୍ୟକତା ଥିଲା। ଖବର ପାଇଁ ଆନନ୍ଦପୁର ବ୍ଲକ୍ କର୍ମଚାରୀ ପ୍ରଫୁଲ୍ଲ ମାଝୀ ବୁଧବାର ବିଳମ୍ବିତ ରାତିରେ କଟକ ମେଡିକାଲରେ ପହଞ୍ଚି ଛାତ୍ରୀଙ୍କୁ ରକ୍ତଦାନ କରିଥିଲେ। ମହତ କାର୍ଯ୍ୟ ପାଇଁ ବ୍ଲକ୍ କର୍ମଚାରୀଙ୍କୁ ପ୍ରଶଂସା କରାଯାଇଛି।

# ଜୁଲାଇ ୨୫ ସୁଦ୍ଧା କାନପୁର ଡ୍ୟାମ କାର୍ଯ୍ୟକ୍ଷମ

**ବୃହତ୍ ଜଳସେଚନ ପ୍ରକଳ୍ପ ସମୀକ୍ଷାକଲେ ବୈଷୟିକ କମିଟି**



କେନ୍ଦୁଝର, ୭।୧୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ାଠାରେ ନିର୍ମାଣାଧୀନ ବୃହତ୍ ଜଳସେଚନ ପ୍ରକଳ୍ପ ଜୁଲାଇ ୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ମୁଖ୍ୟ କେନାଲ କାମ ୮୧ କିଲୋମିଟର ମଧ୍ୟରୁ ୭୦ କିଲୋମିଟର ସରିଥିବାବେଳେ ବାକି କାମ ୩ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚସ୍ତରୀୟ ବୈଷୟିକ କମିଟି କାନପୁର ଡ୍ୟାମ ପରିଦର୍ଶନ କରି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଯୋଡ଼ା ବ୍ଲକ୍ ବାସୁଦେବପୁରଠାରେ ଥିବା ବୈତରଣୀ ନଦୀରେ ନିର୍ମାଣାଧୀନ ବୃହତ୍ ଜଳସେଚନ ପ୍ରକଳ୍ପ ୨୦୦୬ରେ ଆରମ୍ଭ ହୋଇଥିଲା। ଅଦ୍ୟାବଧି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ଖର୍ଚ୍ଚ ସରିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫ ବ୍ଲକର ୨୯୫୬୮ ହେକ୍ଟର ଜମିରେ ଜଳସେଚନ ହେବା ସହ ୩ ମେଗାୱାଟ ହାଇଡ୍ରୋ ପାୱାର ଉତ୍ପାଦନ ହେବ। ୧୮ ବର୍ଷ ହେବ ପ୍ରକଳ୍ପ ସରୁ ନ ଥିବାରୁ ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା ଓ କେନ୍ଦୁଝର ସଦର ବ୍ଲକ୍‌ର ୨୪୪ ଗ୍ରାମର ଲକ୍ଷାଧିକ କୃଷକ ପ୍ରକଳ୍ପର ପୂର୍ଣ୍ଣାଙ୍ଗ କାର୍ଯ୍ୟକୁ ଅନାଇ ବସିଛନ୍ତି। ଡ୍ୟାମ କାର୍ଯ୍ୟ ସରିଲେ ଚାଷୀ ବିଭିନ୍ନ ଚାଷକରି ସ୍ୱାବଲମ୍ବୀ ହୋଇପାରିବେ। ତେଣୁ ଡ୍ୟାମ କାମ ଜୁଲାଇ ୨୫ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝରସ୍ଥିତ ମୁଖ୍ୟ ଅଭିଯୋଗ ଶୁଣାଣି ଅଧିକାରୀ ହିମାଂଶୁ ଶେଖର ସାହୁ, ଦିଲ୍ଲୀପ ପଣ୍ଡାଙ୍କ ସମେତ କାନପୁର ଡ୍ୟାମର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ପ୍ରସାଦ ରଞ୍ଜନ ପଣ୍ଡା, ଓସିସି ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାସ, ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର(ମେକାନିକାଲ) ଇଂ. ବୀରେନ୍ଦ୍ର ପଟ୍ଟନାୟକ, ଓସିସି ଜେନେରାଲ ମ୍ୟାନେଜର ପ୍ରତାପ ଚୌଧୁରୀ, କାନପୁର ଡ୍ୟାମର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଡ୍ୟାମ ପରିଦର୍ଶନ କରିଥିଲେ। ମୁଖ୍ୟ କେନାଲ ବାକି ୧୧ କି.ମି. କାମ ୩ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବାକି ଆନୁଷଙ୍ଗିକ କାମ ତୁରନ୍ତ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇ ୧ ସପ୍ତାହ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ଅଭିଯୋଗ ଶୁଣାଣି ଅଧିକାରୀ ସାହୁ କହିଛନ୍ତି।

# ବନ କର୍ମଚାରୀଙ୍କ ହେପାଜତରେ ଛୁଆହାତୀ

କେନ୍ଦୁଝର, ୭।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜର ଜଗଦଳା ଡ୍ୟାମ ନିକଟରେ ହାତୀପଲରୁ ଅଲଗା ହୋଇଯାଇଥିବା ଛୁଆହାତୀ ବନ କର୍ମଚାରୀଙ୍କ ହେପାଜତର ରହିଛି। ମା' ହାତୀ ତଥା ହାତୀପଲ ବହୁଚେଷ୍ଟା ପରେ ବି ଛୁଆଟିକୁ ଗ୍ରହଣ କରୁନାହାନ୍ତି। ଫଳରେ ଛୁଆହାତୀକୁ ସଦର ରେଞ୍ଜ ପଦ୍ମପୁର ମେଗା ନର୍ସରୀରେ ରଖାଯାଇ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସକଙ୍କ ନୀରିକ୍ଷଣରେ ଲାଳନପାଳନ କରାଯାଉଛି।

ପ୍ରକାଶ ଯେ, ଗତ ଶୁକ୍ରବାର ରାତିରେ ଛୁଆହାତୀଟି ମା'ଠାରୁ ଅଲଗା ହୋଇ ଜଗଦଳା ଡ୍ୟାମ ନିକଟ ଏକ ଗ୍ରାମରେ ପଶିଯାଇଥିଲା। ଶନିବାର ବନ ବିଭାଗ କର୍ମଚାରୀ ପହଞ୍ଚି ଛୁଆହାତୀକୁ ଉଦ୍ଧାର କରିଥିଲେ। ମା' ଓ ହାତୀପଲ ସହିତ ମିଶାଇବାକୁ ୩ ଦିନ ଜଙ୍ଗଲକୁ ନେଇ ହାତୀପଲ ନିକଟରେ ଛାଡ଼ିଥିଲେ। ବନ କର୍ମଚାରୀ ଡ୍ରୋନ୍ କ୍ୟାମେରା ଜରିଆରେ ନିରିକ୍ଷଣ କରିଥିଲେ। ଏପରିକି ହାତୀର ଗୋବରକୁ ମଧ ଛୁଆଦେହରେ ଲେପ ଦେଇ ମିଶାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଛୁଆହାତୀକୁ ପଲରେ ମିଶାଇବାରେ ବିଫଳ ହୋଇଥିଲେ। ଛୁଆହାତୀଟି ମଣିଷ ସହିତ ମିଶିଯାଇଥିବାରୁ ହାତୀପଲ ତଥା ମା' ହାତୀ ଆଉ ଗ୍ରହଣ କରି ନ ଥିଲା। ଜଙ୍ଗଲରେ ବିପଦ ଥିବାରୁ ବନ କର୍ମଚାରୀ ତାକୁ ଆଣି ପଦ୍ମପୁର ମେଗା ନର୍ସରରେ ରଖିଛନ୍ତି। ସବୁଦିନ ଶିଶୁ ଖାଦ୍ୟ ସହିତ କ୍ଷୀର ପିଇବାକୁ ଦିଆଯାଉଛି। ଛୁଆର ନାମ କରଣ କରାଯାଇନାହିଁ। ଜଗଦଳା ନିକଟରୁ ମିଳିଥିବାରୁ କର୍ମଚାରୀମାନେ ଜଗୁ ରଖିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହାତୀ ଛୁଆକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଇବାକୁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ତାହାର ସ୍ୱାସ୍ଥ୍ୟ ଅବସ୍ଥାରେ ସ୍ଥିରତା ଦେଖିବା ପରେ ୫ ଦିନ ପରେ ପଠାଇବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଡିଏଫ୍‌ଓ ଧନରାଜ ଏଚ.ଡି ସୂଚନା ଦେଇଛନ୍ତି।

# ସରକାରୀ ନଳକୂପରେ ମୋଟର

**ତଦନ୍ତ କଲେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସରପଞ୍ଚ**

ଚମ୍ପୁଆ,୭।୧୧(ମହେଶ୍ୱର ଦାସ)

ଜନସାଧାରଣଙ୍କ ଜଳ କଷ୍ଟ ନିବାରଣ ପାଇଁ ସରାରଙ୍କ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ନଳକୂପ ଖନନ କରାଯାଉଛି। ଏହାଦ୍ୱାରା ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଯାଉଛି। ମାତ୍ର କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ସୁନାପୋଶି ପଞ୍ଚାୟତର ଶରାଶପୋଶି ଗ୍ରାମରେ ଏହାର ବିପରୀତ ପ୍ରତିବିମ୍ବ ଦେଖିବାକୁ ମିଳିଛି। ଗାଁରେ ୨ରୁ ୩ଟି ନଳକୂପରେ କିଛି ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ପାଇଁ ବିଭାଗ ଓ ପଞ୍ଚାୟତରୁ କୌଣସି ଅନୁମତି ନ ନେଇ ମୋଟର ଲଗାଇ ଜଳ ଉଠାଇଛନ୍ତି। ଫଳରେ ସ୍ଥାନୀୟ ଆଦିବାସୀ ଅନେକ ସମୟରେ ପାନୀୟଜଳ ପାଇବାରୁ ବଞ୍ଚିତ ହେବା ନେଇ ସ୍ଥାନୀୟ ସରପଞ୍ଚ ସଞ୍ଜିତା ଚାତାରଙ୍କୁ ଅଭିଯୋଗ କରିଥିଲେ। ଏପରିକି ମୋଟର ଦ୍ୱାରା ଜଳ ଉଠାଣ ଯୋଗୁ ଜଳସ୍ତର ହ୍ରାସ ହେଉଥିବାରୁ ଗ୍ରାମବାସୀ ପାନୀୟଜଳ ସଂଗ୍ରହ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସରପଞ୍ଚ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ କରନ ସୋରେନଙ୍କୁ ନେଇ ବୁଧବାର ଘଟଣାର ତଦନ୍ତ କରିବା ସହିତ ନଳକୂପରେ ଲଗାଇଥିବା ମୋଟରଗୁଡ଼ିକ ତୁରନ୍ତ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମୋଟର ଖୋଲିବାରେ ସମୟସୀମା ଦେଇ ନ ଥିବାରୁ ଉକ୍ତ ମୋଟରଗୁଡ଼ିକ ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ଆମ୍ଭେ ତାଙ୍କୁ ମୌଖିକ ଭାବେ ଉକ୍ତ ମୋଟରଗୁଡ଼ିକୁ ଖୋଲିବା ପାଇଁ କହିଥିଲୁ। ମାତ୍ର ସେମାନେ ମାନି ନ ଥିବାରୁ ଏ ନେଇ ତାଙ୍କୁ ଧାର୍ଯ୍ୟ ସୀମା ମଧ୍ୟରେ ନଳକୂପରୁ ମୋଟର ଖୋଲିବାକୁ ନୋଟିସ୍ କରାଯିବ। ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ଦେଲେ ଛଟ୍ ବ୍ରତଧାରୀ

ବଡବିଲ/ ଯୋଡା/ପାଟଣା(ଦେବପ୍ରିୟ ରଣା/ ମାନସ ମହାନ୍ତି/ (ବୀର କିଶୋର ଦାଶ),୭।୧୧



ବଡବିଲ ଡ୍ୟାମଠାରେ ବାରାଣସୀର ସ୍ୱତନ୍ତ୍ର ଦଳ ଦ୍ୱାରା ଅସ୍ତଗାମୀ ସୂର୍ଯ୍ୟଙ୍କ ଆଳତି କରାଯାଉଛି।

କେନ୍ଦୁଝର ଜିଲାର ବଡ଼ବିଲ, ଯୋଡ଼ା ଓ ପାଟଣା ବ୍ଲକ୍‌ରେ ଛଟ୍ ବ୍ରତଧାରୀମାନେ ଗୁରୁବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ପ୍ରଦାନ କରିଛନ୍ତି। ବଡ଼ବିଲ ବସ୍ତିଠାରେ ଥିବା ଡ୍ୟାମ୍ ଓ ଲକ୍ଷ୍ମୀନଗର କରୋନଦୀ କୂଳରେ ବ୍ରତଧାରୀ ପୂଜା କରି ଅର୍ଘ୍ୟ ପ୍ରଦାନ କରିଥିଲେ। ଯୋଡ଼ା ପୌରାଞ୍ଚଳର ପଶ୍ଚିମ ଯୋଡ଼ା, ଜିଓଲୋଜିକାଲ କ୍ୟାମ୍ପ ପାଖ ସୁନା ନଦୀ ତଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ତେଲକୋଇର ବିଧାୟକ ଡା. ଫକୀର ମୋହନ ନାଏକ, ଯୋଡ଼ା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥି ସହିତ ଯୋଡ଼ାସ୍ଥିତ ସ୍ୱର୍ଗଦ୍ୱାର ନିକଟ ସୁନା ନଦୀ, ସାଇ ମନ୍ଦିର ନିକଟ ମୂର୍ତ୍ତି ବିସର୍ଜନ ଘାଟରେ ପୂଜା କରାଯାଇଛି। ପାଟଣା ବ୍ଲକ୍ ଚେମେଣା ଓ କୋଇଣ୍ଡା ଗ୍ରାମର ବିହାରୀ ସମ୍ପ୍ରଦାୟ ପକ୍ଷରୁ ବୈତରଣୀ ନଦୀର ରାଜନଗର ଶୈବ୍ୟା କାବେରୀ ଘାଟରେ ପୂଜା କରାଯାଇଛି। ଚେମେଣାରୁ ଏକ ପଟୁଆରେ ରାଜନଗରସ୍ଥିତ ଘାଟରେ ପହଞ୍ଚି ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରି ଅର୍ଘ୍ୟ ଦେଇଛନ୍ତି।

ସୂଚନା ଥାଉକି, ବିହାରୀ ସମ୍ପ୍ରଦାୟର ମହିଳା ଛଟପୂଜା ନିମନ୍ତେ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଥୀରୁ ଶୁଦ୍ଧ ଓ ନିଷ୍ଠା ଅବଲମ୍ବନ କରି ଖାଲି ପାଦରେ ବିଭିନ୍ନ ଫଳମୂଳ କୁଲା ଓ ପାଛିଆରେ ଭର୍ତ୍ତି କରି ମୁଣ୍ଡରେ ମୁଣ୍ଡେଇ ଜଳାଶୟକୁ ଯାଇଥାଆନ୍ତି। ଜଳାଶୟରେ ବୁଡ଼ ପକାଇ ଶୁକ୍ଳ ଷଷ୍ଠୀରେ ଜଳାଶୟରେ ଛିଡ଼ା ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ଦେଇଥାନ୍ତି। ଶୁକ୍ଳ ସପ୍ତମୀରେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥାଆନ୍ତି। ଶକ୍ତିର ଉତ୍ସ ସୂର୍ଯ୍ୟ, ତାଙ୍କ କିରଣରୁ ଜୀବଜଗତର ପ୍ରାଣର ସଂଚାର ହେଉଛି। ସୂର୍ଯ୍ୟଦେବଙ୍କ ଅପାର କରୁଣା ପ୍ରାପ୍ତି ଲାଭ କଲେ ଶରୀରରୁ ବ୍ୟାଧି, କ୍ଳେଶ ଦୂର ହେବା ସହ ପରିବାରର ପ୍ରଗତି, ଉନ୍ନତି ଏବଂ ଜନ କଲ୍ୟାଣ ହେବ ବୋଲି ବିହାରୀ ସମ୍ପ୍ରଦାୟ ଲୋକଙ୍କ ବିଶ୍ୱାସ ରହିଛି। ପର୍ବରେ ବିହାରୀ ସମ୍ପ୍ରଦାୟ ବ୍ୟତିତ ମାରୱାଡ଼ି, ଗୁଜୁରାଟୀ ସମ୍ପ୍ରଦାୟ ମଧ୍ୟ ସାମିଲ ହୋଇଥାଆନ୍ତି।

## ମୟୂରଭଞ୍ଜ

**୮୪ ବର୍ଷରେ ବଡ଼ବଜାର ଜଗଦ୍ଧାତ୍ରୀ ପୂଜା**

# ରୁପା, ଚାନ୍ଦି ଅଳଙ୍କାରରେ ଝଲସିବେ ମା'

ବାରିପଦା,୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ବାରିପଦା ସହର ବଡ଼ବଜାର ପୂଜା କମିଟି ପକ୍ଷରୁ ମା' ଜଗଦ୍ଧାତ୍ରୀଙ୍କ ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ରୀତିନୀତି ଅନୁଯାୟୀ ପୂଜା ହେବା ସହ ରୁପା ଓ ଚାନ୍ଦି ଅଳଙ୍କାରରେ ମା'ଝଲସିବେ ବୋଲି କମିଟି ସୂଚନା ଦେଇଛି। ଆରମ୍ଭରୁ ୮୪ ବର୍ଷ ହେଲା କଟକର ମୂର୍ତ୍ତି କାରିଗର ପରିବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରୁଆସୁଛନ୍ତି । କିଛି ବର୍ଷ ଧରି କଟକ ସହର ଭଳି ମା'ଙ୍କ ମୂର୍ତ୍ତି ଏଠାକାର ସାଜସଜ୍ଜା କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି।



କାରିଗର ଜଗଦ୍ଧାତ୍ରୀଙ୍କ ମୂର୍ତ୍ତି ତିଆରି କରୁଛନ୍ତି।

ବାରିପଦା ସହରର ସର୍ବପୁରାତନ ମା' ଜଗଦ୍ଧାତ୍ରୀଙ୍କ ପୂଜା ବଡ଼ବଜାର କମିଟି ପକ୍ଷରୁ ହୋଇଆସୁଛି । ୩୦୦୦ ଟଙ୍କା ବ୍ୟୟ ଅଟକଳରେ ପ୍ରଥମ ବର୍ଷ ଘଟ ପୂଜା ଆରମ୍ଭ ହୋଇଥିଲା। ସର୍ବେଶ୍ୱର ରଣା, ଗୌରୀ ଶଙ୍କର ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଫତୁ ମହାଜନ, ମୃତ୍ୟୁଞ୍ଜୟ ରଣା, ଚିନ୍ତାମଣି ରଣା, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଓ ଆଡଭୋକେଟ କୃପାସିନ୍ଧୁ ସିଂଙ୍କ ପ୍ରଚେଷ୍ଟାରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ଏବେ ୪୦୦ରୁ ଅଧିକ ସଦସ୍ୟଙ୍କ ସହଯୋଗରେ ୫ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ କରାଯାଉଛି। ମା'ଙ୍କ ପୂଜାରେ ଅନେକ ସ୍ୱତନ୍ତ୍ରତା ରହିଆସିଛି। ଝିଅ ବାପ ଘରକୁ ଆସିବା ସମୟରେ ଯେଉଁଭଳି ସ୍ନେହ ଆଦର କରାଯାଏ, ଠିକ୍ ସେହିଭଳି ମା'ଙ୍କ ଆଗମନରେ ଝିଅବୋହୂ ଓ ପରିବାର ଲୋକେ ତାଙ୍କୁ ସ୍ୱାଗତ କରିଥାନ୍ତି । ୭ଦିନ ଧରି ଦେଉଳସାହିଠାରୁ ବଡ଼ବଜାର ପର୍ଯ୍ୟନ୍ତ ଆବାଳ ବୃଦ୍ଧବନିତା ଆମିଷ ଭକ୍ଷଣରୁ ଦୂରେଇ ଯାଆନ୍ତି । ଝିଅ ବୋହୂମାନେ ଅଳତା ସିନ୍ଦୂର ଲାଗି ହୋଇ ମା'ଙ୍କ ଆଗମନରେ ଶଙ୍ଖ ହୁଳହୁଳି ଦେଇ ଭବ୍ୟ ସ୍ୱାଗତ କରିଥାନ୍ତି। ସଂସ୍କୃତି ଓ ପରମ୍ପରାକୁ ନେଇ ମା'ଙ୍କ ଭସାଣି ଦିନ ମହିଳାମାନେ ଦେବୀଙ୍କୁ ସିନ୍ଦୂର ଓ ଅଳତା ଲଗାଇ ବିଦାୟ ଦେଇଥାନ୍ତି। ଏଭଳି ପରମ୍ପରାକୁ ନେଇ ଶ୍ରଦ୍ଧାଳୁମାନେ ମା'ଙ୍କ ପୂଜାକାର୍ଯ୍ୟରେ ନିଜକୁ ସମର୍ପଣ କରିଥାନ୍ତି। ଦେଶରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରିବା ପାଇଁ ପ୍ରତିଦିନ ହେମଯଜ୍ଞ କରାଯାଇଥାଏ । ପାଖାପାଖି ୫୦କିଗ୍ରା ଘିଅରେ ପୂର୍ଣ୍ଣାହୁତି ଦିଆଯାଇଥାଏ। ଏଥି ସହିତ ଶାନ୍ତି ଶୃଙ୍ଖଳାରେ ପାରମ୍ପରିକ ବାଜାକୁ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି କମିଟିର ସଭାପତି ଗଣେଶ୍ୱର ରଣା କହିଛନ୍ତି । ସେହିପରି ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକର କାରିଗର ପରିକ୍ଷୀତ ରଣା ପ୍ରଥମେ ମୂର୍ତ୍ତି ନିର୍ମାଣ କରିଥିବା ବେଳେ ବର୍ତ୍ତମାନ ତାଙ୍କ ଅଣନାତି ମନୋରଞ୍ଜନ ରଣା ମୂର୍ତ୍ତି ତିଆରିରେ ନିମଗ୍ନ ରହିଛନ୍ତି।

ପୂଜା ପାଇଁ ଏକମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ୧୫ଦିନ ଧରି ମୂର୍ତ୍ତି କାରିଗର ଆସି କାର୍ଯ୍ୟ କରୁଛନ୍ତି। ପୂଜାର ସିଂହଭାଗ ପ୍ରସାଦ ବଣ୍ଟନରେ ଖର୍ଚ୍ଚ କରାଯାଇଥାଏ। ୫ଦିନ ଧରି ୫୦୦ ଭକ୍ତଙ୍କୁ ପ୍ରତିଦିନ ଅନ୍ନଭୋଗ ପ୍ରଦାନ କରାଯାଇଥାଏ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଦିନ ୫୦୦୦ ଲୋକଙ୍କୁ ଖିରି ଭୋଗ ପ୍ରଦାନ କରାଯାଏ ବୋଲି କମିଟିର ସମ୍ପାଦକ ଶିବୁ ରଣା ପ୍ରକାଶ କରିଛନ୍ତି। ପୂଜାକୁ ନିଆରା ଢଙ୍ଗରେ ପାଳନ କରିବାକୁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନଭେମ୍ବର ୧୦ତାରିଖରେ ବୁଢ଼ାରାଉଳ ମଠ ନିକଟ ବୁଢ଼ାବଳଙ୍ଗ ନଦୀ ଘାଟରୁ ୧୦୮ କଳସ ଯାତ୍ରା ହୋଇ ମଣ୍ଡପକୁ ଆସିବା ପରେ ପୂଜା ଆରମ୍ଭ ହେବ। ଘଟୋତ୍ତଳନଠାରୁ ପୂଜା ଓ ପ୍ରସାଦ ବଣ୍ଟନରେ ସ୍ୱତନ୍ତ୍ରତା ରହିଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ପୂର୍ବରୁ ଚାଲି ଆସୁଥିବା ପାଲା ଗାଁଣ ଅଦ୍ୟାବଧି ପରିବେଷଣ କରାଯାଉଛି। କଟକ ଓ ମୟୂରଭଞ୍ଜ ଦଳ ୩ ଦିନ ଧରି ପାଲା ପରିବେଷଣ କରିବାକୁ ଥିବା ବେଳେ ଅନ୍ୟ ଦିନଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ଦାଣ୍ଡରେ ରଙ୍ଗୋଲି ଓ ମୁରୁଜ ପ୍ରତିଯୋଗିତା ହେବ ବୋଲି କମିଟି ସୂଚନା ଦେଇଛି।

# ଶିମିଳିପାଳ ଆସିବ ଆଉ ଏକ ମହାବଳ

**ମହାରାଷ୍ଟ୍ରରେ ପହଞ୍ଚିଲା ବନ ବିଭାଗ ଟିମ୍**

ବାରିପଦା,୭।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ପ୍ରଥମ ପର୍ଯ୍ୟାୟରେ ବାଘୁଣୀ 'ଯମୁନା'କୁ ଅଣା ଯାଇଥିବା ବେଳେ ଅନ୍ୟ ଏକ ମହାବଳ ଆଣିବା ପାଇଁ ବନ ବିଭାଗ ଟିମ୍ ମହରାଷ୍ଟ୍ର ଅଭିମୁଖେ ଯାଇଛି। ବୁଧବାର ଏହି ଟିମ୍ ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଛି। ଏସିଏଫ୍ ପ୍ରଦୀପ ଦେଙ୍କ ନେତୃତ୍ୱରେ ଯାଇଥିବା ୧୦ ଜଣିଆ ଟିମ୍ ତଡ଼ବା ଜଙ୍ଗଲରେ କ୍ୟାମ୍ପ କରି ଅନ୍ୟ ଏକ ବାଘୁଣୀକୁ ଧରି ଆଣିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି । ବାଘୁଣୀକୁ ଆଣିବା ପାଇଁ ବନ ବିଭାଗ କର୍ମଚାରୀଙ୍କ ସହ ଯାଇଥିବା ଟିମ୍‌ରେ ପ୍ରାଣୀ ଚିକିତ୍ସକ ଡା. ଅଭିଳାଶ ଆଚାର୍ଯ୍ୟ, ଡେପୁଟି ରେଞ୍ଜ ଅଧିକାରୀ ଦୀପ୍ତିମାନ ପଣ୍ଡା ଓ ସ୍କ୍ୱାଡ୍ ସଦସ୍ୟମାନେ ସାମିଲ ରହିଛନ୍ତି। ତେବେ 'ଯମୁନା'କୁ ଆଣିବାରେ ବନ ବିଭାଗ ସଫଳ ହୋଇଥିବା ବେଳେ ଅନ୍ୟ ଏକ ବାଘୁଣୀ ଆସିଲେ ଶିମିଳିପାଳରେ ବାଘ ବଂଶ ବୃଦ୍ଧିରେ ସହାୟକ ହେବ ବୋଲି ବିଭାଗ ଆଶା ରଖିଛି।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା,୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ କୈଳାସପୁର କାଠପାଳସ୍ଥିତ ସାଇ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପଠାଣୀସାମନ୍ତ ମେଧାବୃତ୍ତି ପରୀକ୍ଷାରେ ସଫଳତା ଆଣିଛନ୍ତି। ଟୁଇଙ୍କିଲ ପ୍ରିୟଦର୍ଶିନୀ ଦାସ, ଆଦିତ୍ୟ ସମପ୍ରକାଶ ଧଳ, ଅବିନାଶ ବେହେରା, ନେଲସନ ଭୀମ କୁମାର ହାଁସଦା, ସୁଶାନ୍ତ ଘୋଷ, ରଶ୍ମିତା ଧଳ, ଜୟପ୍ରକାଶ ବେହେରା ଓ ପ୍ରଜ୍ଞା ପତି ସଫଳତା ଆଣି ବିଦ୍ୟାଳୟର ଗର୍ବ ଓ ଗୌରବ ବୃଦ୍ଧି କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। କୃତୀ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଡ.ପ୍ରଭଞ୍ଜନ ରାଉତ କୃତୀ ବିଦ୍ୟାର୍ଥୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ସଫଳତାର ଶ୍ରେୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ପ୍ରଦାନ କରିଥିଲେ। ଧୈର୍ଯ୍ୟ ଓ ଏକାଗ୍ରତାର ସହ ଅଧ୍ୟୟନ ଦ୍ୱାରା ଛାତ୍ର ଜୀବନ ସଫଳ ହୋଇଥାଏ ବୋଲି କହିଥିଲେ। ପ୍ରତିବର୍ଷ ଏହି ସଫଳତାକୁ ପାଥେୟ କରି ସାଇ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ପ୍ରଗତି ପଥ ନିର୍ମାଣରେ ସର୍ବଦା ବଦ୍ଧପରିକର। ଗୁଣାତ୍ମକ ଶିକ୍ଷା, ସୁନ୍ଦର ପରିବେଶ, ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଶିକ୍ଷାର ମୌଳିକତା ବଜାୟ ରଖି ସଫଳ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ଲକ୍ଷ୍ୟ ରହିଛି ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ।

### ୧୦ରୁ ପିଠାବଟା ପଟୁ ଶିମିଳିପାଳ ପ୍ରବେଶ

ବାରିପଦା,୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପିଠାବଟା ଗେଟ୍ ଆସନ୍ତା ୧୦ତାରିଖରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିବ। ପର୍ଯ୍ୟଟକମାନଙ୍କ ଗାଡ଼ି ଏହି ଗେଟ୍ ଦେଇ ଯାଇପାରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷର ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ବାତ୍ୟା 'ଦାନା' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଗତ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖାଯାଇଥିଲା। ବାତ୍ୟା ପରେ କାଳିଆଣୀ ଗେଟ ଦେଇ ଗତ ୨୯ତାରିଖରୁ ପର୍ଯ୍ୟଟକମାନେ ପ୍ରବେଶ କରୁଥିଲେ। ମାତ୍ର ରାସ୍ତା ମରାମତି ଚାଲିଥିବାରୁ ପିଠାବଟା ଗେଟ୍ ଦେଇ ପ୍ରବେଶ ବନ୍ଦ ରହିଥିଲା। ଏଣିକି କାଳିଆଣୀ ଓ ପିଠାବଟା ଗେଟ୍ ଦେଇ ପର୍ଯ୍ୟଟକ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିପାରିବେ।

# ସହକାରୀ ଯନ୍ତ୍ରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ଶିଳ୍ପ ଭିତ୍ତିକ ପାର୍କ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟକୁ ବିରୋଧ**

ମୋରଡ଼ା,୭।୧୧(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂହାଖାଳିଆ ପଞ୍ଚାୟତର କାନ୍ଦଣା ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପ ଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଗତ ୫ ତାରିଖରେ ଏହି ୟୁନିଟର ବିଲ୍ଡିଂ ନିର୍ମାଣ ଲାଗି ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲା ବେଳେ ଗୁରୁବାର ଜାଗା ମାପଚୁପକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଉକ୍ତ ଜାଗା ମାପକୁ ବିରୋଧ କରି ପ୍ରକଳ୍ପ କରାଇ ନ ଦେବାକୁ ନାରା ଦେଇଥିଲେ। ପରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ଅଜିତାଭ ମଲ୍ଲିକଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ଉକ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପାଇଁ ପ୍ରଥମ ପର୍ଯ୍ୟାୟରେ ଗ୍ରାମରେ ଥିବା ଏକ ସରକାରୀ ଜମିକୁ ମାପ କରିବା ପାଇଁ ମୋରଡ଼ା ତହସିଲଦାର ସାନମୁଣ୍ଡାବଣି ଆରଆଇ କୃଷ୍ଣମୋହନ ମହାନ୍ତ, ଅମିନ ଗଗନ ମିଶ୍ର ଓ ପରମେଶ୍ୱର ପଣ୍ଡିତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ମଲ୍ଲିକ ମଧ୍ୟ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ। ହେଲେ ମାପ ଆରମ୍ଭରୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ମାପ ହୋଇ ପାରି ନ ଥିଲା।



ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟକୁ ବିରୋଧ କରୁଥିବା ମହିଳାମାନେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାନ୍ଦଣା ଗ୍ରାମର ପ୍ରାୟ ୩୦୦ରୁ ଅଧିକ ପରିବାର ତହସିଲ ପ୍ରଶାସନକୁ ଜରିମାନା ଦେଇ ୩୭ ଏକର ୨୮ ଡେସିମିଲ ସରକାରୀ ଜାଗାରେ ବିଭିନ୍ନ ପ୍ରକାର ଚାଷ କରି ଆସୁଛନ୍ତି। ଏଠାରେ ବର୍ଷ ତମାମ ବିରି, କୋଳଥ ଭଳି ଡାଲି ଜାତୀୟ ଫସଲ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରି ଲୋକେ ପରିବାର ପ୍ରତି ପୋଷଣ କରୁଛନ୍ତି। ହେଲେ ଗ୍ରାମବାସୀଙ୍କ ରୋଜଗାର ପ୍ରତି ଧ୍ୟାନ ନ ଦେଇ ହଠାତ ଏଠାରେ ଏକ ଶିଳ୍ପ ଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା କରିବା ଆଦୌ ଠିକ୍ ନୁହେଁ ବୋଲି ଗ୍ରାମର ସାବିତ୍ରୀ ବଡ଼ନାଏକ, ସବିତାମଣି ସି, ସୁଚିତ୍ରା ଧଳ, ଗୁଲମଣି ସି, ରେଣୁବାଳା ସି, କବିତା ସି, ପ୍ରତିମା ବଡ଼ନାଏକ, ପଙ୍କଜିନୀ ବଡ଼ନାଏକ, ମନ୍ଦାକିନି ସି ପ୍ରମୁଖ ମହିଳାମାନେ କହିଛନ୍ତି। ତେବେ ଆଲୋଚନା ପରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଅଟକ ଥିବା ସହକାରୀ ଯନ୍ତ୍ରୀଙ୍କୁ ଲୋକେ ଛାଡ଼ିଥିଲେ। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ମଲ୍ଲିକଙ୍କୁ ପଚାରିବାରୁ ଗ୍ରାମବାସୀ ଏକ ବୈଠକ କରି ଲିଖିତ ଭାବେ ପ୍ରଶାସନକୁ ସେମାନଙ୍କ ଅଭିଯୋଗ ଜଣାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ମିଳିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

